بسم اللہ الرحمٰن الرحیم

ଖୁତବା ଜୁମା ୧୪ ଡ଼ିସେମ୍ବର ୨୦୧୮ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

**ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବା ହଜ଼ରତ୍ ମୁସୱେହ୍ ବନ୍ ଅସାସାହ୍ ର.ଅଙ୍କ ବଶ୍ୱାସ ବର୍ଦ୍ଧକ, ହୃଦୟଦ୍ରାବୀ ଏବଂ ମନମୁଗ୍ଧକର ଚର୍ଚ୍ଚା ।**

---

**ହଜ଼ରତ୍ ମସୱେହ୍ ର.ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହତ ଶାମିଲ୍ ହୋଇଥିଲେ ,ସେ ଉଚ୍ଚାସୀନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅଲ୍ଲାଃତାଲା ତାଙ୍କ ଜୀବନର ଶେଷ ପରଣତକୁ ମଧ ସାଫଲ୍ୟ ମଣ୍ଡିତ କରଥିଲେ ଏବଂ ସେ ସେହ ସ୍ତରକୁ ବଜାୟ ରଖିଲେ ।
ଅଲ୍ଲାଃତାଲା ସ୍ୱର୍ଗରେ ତାଙ୍କର ସ୍ତରକୁ ବୃଦ୍ଧି କରନ୍ତୁ**

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବାମାନଙ୍କର ଚର୍ଚ୍ଚା  କରିବି ସେ ହେଉଛନ୍ତି ହଜ଼ରତ୍ ମୁସୱେହ୍ ବିନ ଅସାସାହ୍ ର.ଅ । ତାଙ୍କର ନାମ ଅଓଫ୍ ଏବଂ ସାଂଙ୍ଖା ମୁସୱେହ୍ ଥିଲା । ତାଙ୍କ ମାତାଙ୍କ ନାମ ହଜ଼ରତ୍ ଉମ୍ମେ ମୁସୱେହ୍ ସଲମା ବିନ୍ ସଖର୍ ଥିଲା । ସେ ହଜ଼ରତ୍ ଅବୁ ବକ୍କର୍ ର.ଙ୍କ ମାଉସୀ ଥିଲେ । ହଜ଼ରତ୍ ମୁସୱେହ୍ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ପ୍ରବାସର ୮ ମାସ ପରେ ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଉବୈଦାହ୍ ବିନ୍ ହାରିସ୍ ର.ଅଙ୍କୁ ୬୦ କିମ୍ବା ଅନ୍ୟ ଏକ ରିୱାୟତ ଅନୁଯାୟୀ ୮୦ ଜଣ ଅଶ୍ୱାରୋହୀଙ୍କ ସହିତ ପ୍ରେରଣ କରିଥିଲେ । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଉବୈଦ୍ ବିନ୍ ହାରିସଙ୍କ ନିମନ୍ତେ ଏକ ଧବଳ ବର୍ଣ୍ଣର ଧ୍ୱଜା ବାନ୍ଧି ଥିଲେ । ଯାହାକୁ ହଜ଼ରତ୍ ମୁସୱେହ୍ ବିନ୍ ଅସାସାହ୍ ର.ଅ ଧାରଣ କରିଥିଲେ । ସେହି ସରିୟା (ଯେଉଁ ଯୁଦ୍ଧରେ ଆଁହଜ଼ରତ୍ ସ.ଅ ସମ୍ମିଳିତ ହୋଇ ନଥିଲେ) ର ଅର୍ଥ ଥିଲା ଯେ, କୁରୈଶର ବ୍ୟବସାୟୀ ଦଳ ବା ଗୋଷ୍ଠୀକୁ ପଥରେ ଅବରୋଧ କରାଯାଉ । କୁରୈଶର ବ୍ ଗୋଷ୍ଠୀର ଅମିର୍ ଅର୍ଥାତ୍ ନେତା ବା ଅଧ୍ୟକ୍ଷ ଅବୁ ସୁଫିୟାନ୍ ଥିଲା। ସେହି ବ୍ୟବସାୟୀ ଗୋଷ୍ଠୀରେ ପ୍ରାୟ ୨୦୦ ଜଣ ଲୋକ ଥିଲେ । ସାହାବାଙ୍କର ସଂପ୍ରଦାୟ ରାବିକ୍ ନାମକ ପାର୍ବତ୍ୟାଞ୍ଚଳରେ ସେହି କୁଫ୍ଫାରର ବା ଦଳ ସହିତ ମୁହାଁମୁହିଁ ହୋଇଥିଲେ । ସୁତାରାଂ ଏହି ବ୍ୟବସାୟୀ ଗୋଷ୍ଠୀ କେବଳ ବ୍ୟବସାୟୀ ଜିନିଷ ଦ୍ରବ୍ୟରେ ସଜ୍ଜିତ ନଥିଲା ବରଂ ଯୁଦ୍ଧ ସରଞ୍ଜାମ ସହିତ ସଜ୍ଜିତ ଥିଲା ଏବଂ ସେମାନଙ୍କର ଯେଉଁ ଆମଦାନୀ ଥିଲା (ଅର୍ଥାତ୍ ଯୁଦ୍ଧ୍ ସରଞ୍ଜାମ ସବୁ) ତାହା ପୁଣି ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ବ୍ୟବହୃତ ହୋଇଥାଆନ୍ତା। କାରଣ ଘଟଣାକ୍ରମରୁ ଏହା ଜଣାପଡ଼େ ଯେ, କୁଫ୍ଫାରଙ୍କର ସେହି ବ୍ୟବସାୟୀ ଗୋଷ୍ଠୀ ମୁସଲମାନମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ସଂପୂର୍ଣ୍ଣରୂପେ ପ୍ରସ୍ତୁତ ଥିଲେ । ସେ ଯାହା ହେଉ ପଛେ ଯେତେବେଳେ ଏହି ସାହାବାମାନେ ସେହି ରାବିକ୍ ନାମକ ସ୍ଥାନକୁ ଗଲେ ସେତେବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ତୀର ଚାଳନା ହେବା ବ୍ୟତୀତ ଅନ୍ୟ କୌଣସି ଯୁଦ୍ଧ ହୋଇ ନଥିଲା ଏବଂ ଯୁଦ୍ଧ ପାଇଁ ସ୍ୱତନ୍ତ୍ର ଧାଡ଼ି ମଧ୍ୟ ହୋଇ ନଥିଲା । ଇତ୍ୟବସରରେ ହଜ଼ରତ୍ ମିକ୍‌ଦାଦ୍ ବିନ୍ ଅସୱଦ୍ ର.ଅ ଏବଂ ହଜ଼ରତ୍ ଉଏନା ବିନ୍ ଗଜ଼ୱାନ୍ ର.ଅ ସୁଯୋଗ ପାଇ ସେହି ମୁଶରିକିନମାନଙ୍କ ସଂପ୍ରଦାୟରୁ ଖସି ଆସି ମୁସଲମାନମାନଙ୍କ ସହିତ ସମ୍ମିଳିତ ହୋଇଥିଲେ । କାରଣ ଏହି ଦୁଇଜଣ ସାହାବାମାନେ ଇସଲାମ୍ ଧର୍ମ ଗ୍ରହଣ କରିସାରିଥିଲେ । କୁଫ୍ଫାରମାନଙ୍କ ଉପରେ ମୁସଲମାନମାନଙ୍କର ଏତେ ଆତଙ୍କ ଜାତ ହେଲା ଯାହାଫଳରେ କି ସେହି କୁଫ୍ଫାରମାନେ ଆତଙ୍କିତ ଏବଂ ଭୟଭୀତ ହୋଇ ସେଠାରୁ ପ୍ରତ୍ୟାବର୍ତ୍ତନ ଏବଂ ପଳାୟନ କଲେ ଏବଂ ମୁସଲମାନମାନେ ମଧ୍ୟ ତାଙ୍କର ଆଉ ପିଛା କଲେ ନାହିଁ  । କାରଣ ମୁସଲମାନମାନଙ୍କର ଯୁଦ୍ଧ କରିବାର କୌଣସି ଉଦ୍ଦେଶ୍ୟ ନଥିଲା । ଆଁହଜ଼ରତ୍ ସ.ଅ ଖୈବର୍ ଯୁଦ୍ଧ ଅବସରରେ ହଜ଼ରତ୍ ମୁସୱେହ୍ ଏବଂ ଇବନେ ଇଲୟାସ୍ ର.ଅଙ୍କୁ ୫୦ ୱସକ୍ (ଏକ ପ୍ରକାରର ମାପକ) ଶସ୍ୟ ପ୍ରଦାନ କରିଥିଲେ । ତାଙ୍କର ବିୟୋଗ ୫୬ ବର୍ଷ ବୟସରେ ପ୍ରାୟ ୩୪ ହିଜରୀରେ ହଜ଼ରତ୍ ଉମର୍ ର.ଅଙ୍କ ଖିଲାଫତ୍ ଶାସନ କାଳରେ ହୋଇଥିଲା ଏବଂ ତାଙ୍କ ସମ୍ବନ୍ଧରେ ଏହା ମଧ୍ୟ କୁହାଯାଏ ଯେ, ସେ ହଜ଼ରତ୍ ଅଲୀ ର.ଅଙ୍କ ଖିଲାଫତ୍ ଶାସନ କାଳ ପର୍ଯ୍ୟନ୍ତ

ଜୀବିତ ଥିଲେ ଏବଂ ହଜ଼ରତ୍ ଅଲୀ ର.ଅଙ୍କ ସହିତ ସଫ୍ଫିନ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ସେହି ବର୍ଷରେ ଅର୍ଥାତ୍ ୩୪ ହିଜରୀରେ ତାଙ୍କର ବିୟୋଗ ହୋଇଥିଲା ।

ହଜ଼ରତ୍ ମୁସତ୍ତେହ୍ ସେହି ବ୍ୟକ୍ତି ଥିଲେ ଯାହାଙ୍କର ଦାନାପାଣିର ବ୍ୟବସ୍ଥା ହଜ଼ରତ୍ ଅବୁବକ୍କର ର.ଅ କରିଥିଲେ । କିନ୍ତୁ ଯେତେବେଳେ ହଜ଼ରତ୍ ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲଗାଯାଇଥିଲା ଏବଂ ଲାଞ୍ଛନକାରୀଙ୍କ ମଧ୍ୟରେ ହଜ଼ରତ ମୁସତ୍ତେହ୍ ର.ଅ ମଧ୍ୟ ଶାମିଲ୍ ହୋଇଯାଇଥିଲେ ସେତେବେଳେ ହଜ଼ରତ୍ ଅବୁ ବକ୍କର୍ ର.ଅ ଶପଥ କରିଲେ ଯେ, ସେ ଆଉ ତାଙ୍କର ଅର୍ଥାତ୍ ମୁସତ୍ତେହ୍ ର.ଅଙ୍କର ଆଉ ଭରଣ ପୋଷଣ କରିବେ ନାହିଁ । ଏହାକୁ କେନ୍ଦ୍ର କରି ଅଲ୍ଲାଃତାଲା କୁରଆନେ କରିମରେ ଏହି ଆୟତ୍ ଅବତୀର୍ଣ୍ଣ କଲେ ;
**"ୱଲା ୟାତଲି ଉଲୁଲ୍ ଫଜ଼ଲି ମିନକୁମ୍ ୱସ୍ ସାଆତି ଅଇଁ ୟୁତୁ ଉଲିଲ୍ କୁରବା ୱଲ୍ ମସାକିନା ୱଲ୍ ମୁହାଜିରିନା ଫି ସବିଲିଲ୍ଲାଃହି ୱଲ୍ ୟାଫୁ ୱଲ୍ ୟସଫହୁ ଅଲା ତୁହିବ୍ବୁନା ଅଇଁ ୟଗଫିରୁଲ୍ଲାଃହୁ ଲକୁମ୍ ୱଲ୍ଲାଃହୁ ଗଫୁରୁର୍ ରହିମ୍ ।" (ଅନ୍ ନୁର୍ -23)**
***"ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ (ଧର୍ମ ଓ ସଂସାରରେ) ଶ୍ରେଷ୍ଠ ଓ ସ୍ୱଚ୍ଛ ବ୍ୟକ୍ତିମାନେ ଶପଥ କରନ୍ତୁ ନାହିଁ ଯେ, ନିଜ ନିକଟ ସଂପର୍କୀୟ ଓ ଦରିଦ୍ର ଏବଂ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ପ୍ରବାସକାରୀମାନଙ୍କୁ ସାହାଯ୍ୟ କରିବେ ନାହିଁ, ଏବଂ ସେମାନଙ୍କୁ କ୍ଷମା କରିବା ଓ ମାର୍ଜନା କରିବା ଉଚିତ୍; କ'ଣ ତୁମେମାନେ ଇଚ୍ଛା କରୁନାହଁ ଯେ, ଅଲ୍ଲାଃତାଲା ତୁମମାନଙ୍କ ଦୋଷତ୍ରୁଟିକୁ ମାର୍ଜନା କରନ୍ତୁ ? ଏବଂ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶଳୀଳ ଓ ସଦା କରୁଣାମୟ ।"***

ଏହି ଆୟତ୍ ଅବତୀର୍ଣ୍ଣ ହେବା ପରେ ହଜ଼ରତ୍ ଅବୁବକ୍କର୍ ର.ଅ ମୁସତ୍ତେହ୍ ର.ଅଙ୍କର ଭରଣ ପୋଷଣ ପୁନର୍ବାର ଜାରି କରେଇଥିଲେ ଏବଂ ଯେତେବେଳେ ଅଲ୍ଲାଃତାଲା ହଜ଼ରତ୍ ଆଏଶା ର.ଅଙ୍କର ନିର୍ଦ୍ଦୋଷତା ସଂପର୍କୀୟ ଆୟତ କୁରାନେ କରିମରେ ଅବତୀର୍ଣ୍ଣ କଲେ ସେତେବେଳେ ଲାଞ୍ଛନକାରୀଙ୍କୁ ଶାସ୍ତି ମଧ୍ୟ ଦିଆଯାଇଥିଲା । କେତେକ ରିୱାୟତ ଅନୁଯାୟୀ ଯେଉଁ ସାହାବମାନେ ହଜ଼ରତ୍ ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲଗାଇଥିଲେ ସେହି ସାବାମାନଙ୍କୁ ଆଁହଜ଼ରତ୍ ସ.ଅ ଚାବୁକ ଦଣ୍ଡ ଦିଆଯାଇଥିଲା ଏବଂ ହଜ଼ରତ୍ ମୁସତ୍ତେହ୍ ମଧ୍ୟ ସେହି ଦଣ୍ଡିତ ଏବଂ ଲାଞ୍ଛନକରୀ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ।

ବୁଖାରୀର ବର୍ଣ୍ଣନା ଅନୁଯାୟୀ ହଜ଼ରତ୍ ଆଏଶା ର.ଅ ଉଫକ୍ ଘଟଣାର ବିସ୍ତୃତ ବିବରଣୀ ସଂପର୍କରେ ଏହା ଉଲ୍ଲେଖ କରନ୍ତି ଯେ, ଏକ ଯୁଦ୍ଧକାଳୀନ ସମୟରେ ଆଁହଜ଼ରତ୍ ସ.ଅ ନିଜର ସ୍ତ୍ରୀମାନଙ୍କ ମଧ୍ୟରେ ଗୋଳା ପକାଇଲେ । ହଜ଼ରତ୍ ଆଏଶା ବର୍ଣ୍ଣନା କରନ୍ତି ଯେ, ସେହି ଗୋଳାରେ ମୋର ନାଁ ବାହାରିଲା ଏବଂ ସେହି ଯୁଦ୍ଧରେ ମୁଁ ଆଁହଜ଼ରତ୍ ସ.ଅଙ୍କ ସାଥିରେ ଯାଇଥିଲି । ସେତେବେଳେ ପରଦାର ଆଦେଶ ଅଲ୍ଲାଃତାଲାଙ୍କ ତରଫରୁ ଅବତୀର୍ଣ୍ଣ ହୋଇସାରିଥିଲା । ମୋତେ ଓଟର ସେହି ପାଲିଙ୍କିରେ ବସାଇ ଦିଆଯାଉଥିଲା ଏବଂ ପୁନଶ୍ଚ ସେହ ପାଲିଙ୍କି ସହିତ ମୁଁ ତଳକୁ ଓହ୍ଲାଉଥିଲି । ଆମେମାନେ ଏହିପରି ଭାବେ ଯାତ୍ରା କରିଚାଲିଥିଲୁ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ଯୁଦ୍ଧରୁ ନିବୃତ୍ତ ହେଲେ ଏବଂ ଆମପାଖକୁ ପ୍ରତ୍ୟାବର୍ତ୍ତନ କଲେ ଏବଂ ଆମେ ସେତେବେଳେ ମଦିନାର ନିକଟବର୍ତ୍ତୀ ସ୍ଥାନରେ ଥିଲୁ କି ଏକଦା ରାତ୍ରରେ ଆମମାନଙ୍କୁ ସେଠାରୁ ପ୍ରସ୍ଥାନ କରିବା ପାଇଁ ଆଦେଶ ଦେଲେ । ତେଣୁ ଯେତେବେଳେ ରସୁଲୁଲ୍ଲାଃ ସ.ଅ ପ୍ରସ୍ଥାନ କରିବା ପାଇଁ ଘୋଷଣା କଲେ ସେତେବେଳେ ମୁଁ ପ୍ରସାଧନ ଅର୍ଥାତ୍ ଶୌଚାଦି କରିବା ପାଇଁ ବାହାରି ପଡ଼ିଲି ଏବଂ ଯେତେବେଳେ ମୁଁ ପ୍ରସାଧନ କରି ନିଜର ଓଟ ପାଲିଙ୍କି ନିକଟକୁ ଫେରିଲି ସେତେବେଳେ ମୁଁ ଏହା ଅବଲୋକନ ଏବଂ ଅନୁଧ୍ୟାନ କଲି ଯେ, ମୋ ବେକରୁ ଜ଼ଫାରର ବହୁମୂଲ୍ୟ ରତ୍ନ ମାଣିକର ହାର ଖସି ପଡିଥିଲା । ସେତେବେଳେ ମୁଁ ମୋ ହାରକୁ ଖୋଜିବା ପାଇଁ ବାହାରି ପଡ଼ିଲି ଏବଂ ସେହି ହାରର ସନ୍ଧାନରେ ମୋର କିଛି ସମୟ ଅତିବାହିତ ହୋଇଯାଇଥିଲା । ସେହି ସମୟରେ ଯେଉଁ ସେବକମାନେ ଆସିଲେ ଯୋଉଁମାନେକି ମୋର ଓଟଟିକୁ ପ୍ରସ୍ତୁତ କରୁଥିଲେ । ସେମାନେ ଆସି ସେହି ପାଲିଙ୍କିକୁ ଉଠାଇଲେ ଏବଂ ଓଟ ଉପରେ ରଖି ଦେଲେ, ଯେଉଁ ପାଲିଙ୍କିରେ ମୁଁ ଆରୋହଣ ହୋଇ ବସୁଥିଲି । ତାହା ଶୂନ୍ୟ ପଡ଼ିଥିଲା ଏବଂ ସେମାନେ ଏହା ଭାବିଲେ ଯେ, ମୁଁ ସେହି ପାଲିଙ୍କି ଭିତରେ ବସିଛି । କାରଣ ସେ ସମୟରେ ମୋ ଶରୀର ଓଜନ ଖୁବ୍ କମ୍ ଥିଲା । ତେଣୁ ସେମାନେ ଓଟଟିକୁ ଉଠାଇଲେ ଏବଂ ଓଟକୁ ଚାଲିବାକୁ ନିର୍ଦ୍ଦେଶ ଦେଲେ ଏବଂ ଏହା ସହିତ ସେମାନେ ସ୍ୱୟଂ ମଧ୍ୟ ଚାଲିବାକୁ ଆରମ୍ଭ କରିଦେଲେ ଏବଂ ଯେତେବେଳେ ସମଗ୍ର ସୈନ୍ୟବାହାନୀ ସେଠାରୁ ପ୍ରସ୍ଥାନ କରିଗଲା ଏବଂ ମୁଁ ମୋର ସେହି ହାରଟିକୁ ମଧ୍ୟ ଖୋଜି ପାଇଗଲି । ସେତବେଳେ ମୁଁ ମୋର ଶିବିରକୁ ଗଲି ସେଠି ମୁଁ କ'ଣ ଦେଖୁଛି ? ଯେ, ସେଠାରେ ଆଉ କେହି ବି ନଥିଲେ । ସୁତରାଂ ମୁଁ ମୋର ସେହି ପୂର୍ବ ଶିବିରକୁ ଅର୍ଥାତ୍ ସେହି ସ୍ଥାନକୁ ଗଲି ଯେଉଁଠାରେ ମୁଁ ଥିଲି ଏବଂ ମୁଁ ଏହା ଭାବିଲି ଯେ, ଯଦି ସେମାନେ ମୋତେ ପାଲିଙ୍କିରେ ନ ପାଇବେ ତେବେ ସେମାନେ ସେହି ପୂର୍ବବର୍ତ୍ତୀ ସ୍ଥାନକୁ ଫେରି

ଆସିବେ । ହଜ଼ରତ୍ ଆଏଶା ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ ସେହି ସ୍ଥାନରେ ବସିଥିଲି କି ସେହି ମୁହୂର୍ତ୍ତରେ ମୋତେ ନିଦ ଆସିଗଲା ଅର୍ଥାତ୍ ମୁଁ ଶୋଇ ପଡ଼ିଲି । ସଫୱାନ୍ ବନି ମୁଅତ୍ତଲ୍ ସଲମି ଜ଼କୱାନି ବୋଲି ଜଣେ ସାହାବି ସର୍ବଦା ସୈନ୍ୟର ପଛେ ପଛେ ଚାଲୁଥିଲେ । ସେ ସୈନ୍ୟ ପଛେପଛେ ଏଇଥିପାଇଁ ରହୁଥିଲେ ଯେ, ସେ ଏହା ନିରୀକ୍ଷଣ କରୁଥିଲେ ଯେ, ଯେପରି କୌଣସି ଜିନିଷ ଛାଡ଼ି ନଯାଉ ବା ଏମିତି କିଛି ଜନିଷ ନାହିଁ ତ ଯାହା ପଛରେ ରହିଯାଇଛି । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ସକାଳେ ମୋର ଶିବର ପାଖକୁ ଆସିଲେ ଏବଂ ମନୁଷ୍ୟ ପରି ଶୋଇଥିବା ଅସ୍ତିତ୍ତ୍ୱ ସତ୍ତାକୁ ଦେଖିଲେ ଏବଂ ***ଇନ୍ନା ଲିଲ୍ଲାଃ*** ପଢିଲେ । ତାଙ୍କର ***ଇନ୍ନା ଲିଲ୍ଲାଃ*** ପଢିବାରୁ ମୁଁ ଉଠି ପଡ଼ିଲି । ସେ ନିଜର ଓଟଟିକୁ ମୋ ନିକଟକୁ ଆଣିଲେ, ଓଟକୁ ବସାଇଲେ । ମୁଁ ତାହା ଉପରେ ଆରୋହଣ ହୋଇଗଲି ଏବଂ ସେ ତାହାର ଦଉଡ଼ିକୁ ଧରି ବାହାରି ପଡ଼ିଲେ । ଏପର୍ଯ୍ୟନ୍ତକି ଆମେମାନେ ସୈନ୍ୟଦଳରେ ସେତେବେଳେ ପହଞ୍ଚିଲୁ ଯେତେବେଳେ କି ଲୋକମାନେ ଦ୍ୱିପ୍ରହର ସମୟରେ ବିଶ୍ରାମ କରିବା ପାଇଁ ଶିବିର ମଧ୍ୟରେ ଉପସ୍ଥିତ ଥିଲେ । ଏହାପରେ ଯେଉଁ ବ୍ୟକ୍ତିକୁ ମରିବାର ଥିଲା ସେ ମୃତ୍ୟୁ ପ୍ରାପ୍ତ କଲା । ଅର୍ଥାତ୍ ଏହି କଥାକୁ କେନ୍ଦ୍ର କରି କେତେକ ଲୋକମାନେ ମଥ୍ୟା ଲାଞ୍ଛନ ଲଗାଇବାକୁ ଆରମ୍ଭ କରିଦେଲେ । ଏହି ଲାଞ୍ଛନକାରୀ ସଂସ୍ଥାପକର ନାମ ଅବ୍ଦୁଲ୍ଲାଃ ବିନ୍ ଅବି ସୁଲୁଲ୍ ଥିଲା । ଆମେମାନେ ମଦିନରେ ପହଞ୍ଚିଲୁ । ମୁଁ ସେଠାରେ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ରୋଗରେ ପିଡ଼ୀତ ରହିଲି । ଲୋକମାନେ ଲାଞ୍ଛନକାରୀ ବ୍ୟକ୍ତିମାନଙ୍କର କଥାକୁ କେନ୍ଦ୍ରକରି ଚର୍ଚ୍ଚା କରୁଥାଆନ୍ତି ଏବଂ ମୋର ଏହି ରୋଗରେ ପ୍ରପିଡ଼ୀତ ଥିବା ଅବସ୍ଥାରେ ମୋ ମନରେ ଯେଉଁ ସନ୍ଦେହ ଜାତ ବା ଉତ୍ପନ୍ନ ହେଉଥିଲା ତାହା ଥିଲା ଯେ, ମୁଁ ରୋଗରେ ପିଡ଼ୀତ ଥିବା ସମୟରେ ଯେଉଁ ଦୟା ନବୀ କରିମ୍ ସ.ଅଙ୍କ ଠାରେ ଦେଖିବାକୁ ପାଉଥିଲି ସେହିପରି ଦୟାର ପ୍ରଦର୍ଶନ ଆପଣ ସ.ଅଙ୍କ ଠାରୁ ଆଉ ଦେଖିବାକୁ ପାଇଲି ନାହିଁ । ହୁଜ଼ୁର୍ ସ.ଅ କେବଳ ଭିତରକୁ ଆସୁଥିଲେ ଏବଂ **ଅସସଲାମୁ ଅଲୈକୁମ୍** କହୁଥିଲେ ଏବଂ ଅନ୍ୟଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଏହା ପଚାରି ସେ ବୁଝୁଥିଲେ ଯେ, ତାଙ୍କର (ଆଏଶା ର.ଅଙ୍କର) ବର୍ତ୍ତମାନ ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି । ମୁଁ ଏହି ଲାଞ୍ଛନ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ ଥିଲି । ଏକଦା ରାତ୍ରରେ ମୁଁ ଏବଂ ଉମ୍ମେ ମୁସତ୍ତେହ୍ ବିନତ୍ ଅବି ରହମ୍ ଉଭୟେ ଯାଉଥିଲୁ କି ସେହି ସମୟରେ ତାଙ୍କର ଓଢଣା ପାଦରେ ଅଟକି ଯିବାରୁ ସେ ଝୁଣ୍ଟି ତଳେ ପଡିଗଲେ ଏବଂ କହିଲେ ମୁସତ୍ତେହ୍ ହତଭାଗ୍ୟ ହୋଇଯାଉ । ମୁଁ ତାକୁ କହିଲି ଯେ, ତୁମେ କେତେ ମନ୍ଦ କଥା କହିଅଛ । କ'ଣ ତୁମେ ଏଭଳି ବ୍ୟକ୍ତିଙ୍କୁ ମନ୍ଦ ବୋଲି କହୁଛ ଯିଏକି ବଦର୍ ଯୁଦ୍ଧରେ ଉପସ୍ଥିତ ଥିଲେ । ସେ କହିଲା ଆଲୋ ନିର୍ଦୋଷିଣୀ ଝିଅ କ'ଣ ତୁମେ ଶୁଣି ନାହଁ ଯାହା ଲୋକମାନେ ମିଥ୍ୟାରୋପ ଲଗାଇଛନ୍ତି । ସେତେବେଳେ ସେ ମୋତେ ସେହି ଲାଞ୍ଛନ ଲଗାଇଥିବା ବ୍ୟକ୍ତିଙ୍କ ବିଷୟରେ ଶୁଣାଇଲା ଯେ, ଏହି ଲାଞ୍ଛନ ତୁମ ଉପରେ ଆରୋପଣ କରାଯାଇଛି । ମୁଁ ରୋଗରୁ କିଛି ସୁସ୍ଥ ହୋଇଥିଲି କି ଏବଂ କିଛି ଦୁର୍ବଳତା ମଧ୍ୟ ଥିଲା । ଏହି କଥାକୁ ଶୁଣିବା ମାତ୍ରେ ମୋର ରୋଗ ପୁନଶ୍ଚ ବଢିଗଲା । ଯେତେବେଳେ ମୁଁ ଘରକୁ ଫେରିଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ମୋ ନିକଟକୁ ଆସିଲେ ଏବଂ **ଅସ୍ସଲାମୁ ଅଲୈକୁମ୍** କହିଲେ ଏବଂ ପଚାରି ବୁଝିଲେ ଯେ, ବର୍ତ୍ତମାନ ତୁମେ କେମିତ ଅଛ ? ମୁଁ ଉତ୍ତରେ ଦେଲି ଯେ, ମୋତେ ନିଜର ଅଭିଭାବକଙ୍କ ନିକଟକୁ ଯିବାକୁ ଅନୁମତି ପ୍ରଦାନ କରନ୍ତୁ । ସୁତରାଂ ଆଁହଜ଼ରତ୍ ସ.ଅ ମୋତେ ଯିବା ପାଇଁ ଅନୁମତି ପ୍ରଦାନ କଲେ । ଯେତେବେଳେ ମୁଁ ନିଜର ଅଭିଭାବକଙ୍କ ନିକଟକୁ ଆସିଲି ସେତେବେଳେ ମୁଁ ମୋ ମାତାଙ୍କୁ ପ୍ରଶ୍ନ କଲି ଯେ, ଲୋକମାନେ ଏ କ'ଣ କଥା କହୁଛନ୍ତି ? ମୋ ମାତାଶ୍ରୀ ଉତ୍ତରେ ଦେଲେ ଯେ, ଏହି କଥାକୁ ନ ଭାବି ନିଜକୁ ଆଉ ଜଞ୍ଜାଳ ଭିତରେ ପ୍ରବେଶ କରାଅ ନାହିଁ । ଅଲ୍ଲାଃତାଲାଙ୍କ ଶପଥ ନେଇ କହୁଛି ଯେ, ଏପରି ବହୁ କମଥର ପାଇଁ ଘଟିଛି ଯେ, ଜଣେ ବ୍ୟକ୍ତି ନିକଟରେ ଏପରି ଜଣେ ସୁନ୍ଦର ସ୍ତ୍ରୀ ଥାଏ ଏବଂ ଯାହାକୁ କି ସେ ଆପ୍ରାଣ ପ୍ରେମ କରେ ଏବଂ ସେହି ସ୍ତ୍ରୀର ଶଉତୁଣୀମାନେ ମଧ୍ୟ ଥାଆନ୍ତି ଏବଂ ପୁଣି ଏପରି ସ୍ତ୍ରୀ ବିଷୟରେ ଲୋକମାନେ ଏଣୁତେଣୁ ବିରୁଦ୍ଧୀୟ କଥା ମଧ୍ୟ କାହିଁକି କରିବେ ନାହିଁ ? ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ରାତି ସେହିପରି ହିଁ ବିତେଇଲି ଯେ,ସକାଳ ପର୍ଯ୍ୟନ୍ତ ମୋ ଆଖିରୁ ଲୁହ ଝରିବା ବନ୍ଦ ହେଲା ନାହିଁ । ମୋତେ ସାରା ରାତି ନିଦ ହେଲା ନାହିଁ ଓ ମୁଁ କେବଳ କାନ୍ଦୁ ଥିଲି । ଯେତେବେଳେ ମୁଁ ସକାଳେ ଉଠିଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ଅଲୀ ବିନ୍ ଅବି ତାଲିବ୍ ଏବଂ ଉସାମା ବିନ ଜ଼ୈଦ୍ ର.ଅଙ୍କୁ ଏଇଥିପାଇଁ ଡ଼କାଇଲେ ଯେ,ସେହି ଦୁହିଁଙ୍କ ଠାରୁ ନିଜ ସ୍ତ୍ରୀଙ୍କ ସମ୍ବନ୍ଧରେ ପରାମର୍ଶ ବା ମତାମତ ନେଇପାରିବେ ବା ଲୋଡ଼ିପାରିବେ । ଉସାମା ର.ଅ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଆଏଶା ର.ଅ ଆପଣଙ୍କର ସ୍ତ୍ରୀ ଅଟନ୍ତି ଏବଂ ଆମେମାନେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ, ଆମେମାନେ ହଜ଼ରତ୍ ଆଏଶା ର.ଅଙ୍କ ଠାରେ ଭଲଗୁଣ ଏବଂ ପୁଣ୍ୟ ବ୍ୟତୀତ ଅନ୍ୟ କୌଣସି ଅବଗୁଣ ସଂପର୍କରେ କିଛି ଶୁଣି ନାହୁଁ ବା ଦେଖି ନାହୁଁ । ତାଙ୍କ ଠାରେ କୌଣସି ଦୁର୍ବଳତା ଦେଖି ନାହୁଁ । କିନ୍ତୁ ଅଲୀ ଇବନେ ତାଲିବ୍ କହିଲେ ଯେ, ହେ ରସୁଲୁଲ୍ଲାଃ ସ.ଅ ! ଅଲ୍ଲାଃତାଲା ତ' ଆପଣଙ୍କ

ପାଇଁ କିଛି ବି ଅଭାବ ଅସୁବିଧା ରଖି ନାହାନ୍ତି । ତା ଛଡ଼ା ଅନ୍ୟ ମହିଳାମାନେ ମଧ୍ୟ ରହିଛନ୍ତି (ତାଙ୍କୁ ପଚାରନ୍ତୁ)। ହଜ଼ରତ୍ ଅଲୀ ର.ଅ ଏହା ମଧ୍ୟ କହିଲେ ଯେ, ଆଏଶା ର.ଅଙ୍କ ଦାସୀକୁ ପଚାରି ବୁଝନ୍ତୁ ଯେ, ହଜ଼ରତ୍ ଆଏଶା ର.ଅଙ୍କ ସ୍ୱଭାବ କିପରି ଅଟେ ? ଏହା ଶୁଣି ହୁଜୁର୍ ସ.ଅ ବରିରାହ୍ ର.ଅଙ୍କୁ ଡ଼କାଇଲେ । ଆଁହଜ଼ରତ୍ ସ.ଅ କହିଲେ ଯେ, ବରିରାହ୍ କ'ଣ ତୁମେ ହଜ଼ରତ୍ ଆଏଶା ର.ଅଙ୍କ କ୍ଷେତ୍ରରେ ଏପରି କୌଣସି ଦୁର୍ବଳତା ଦେଖିଛ କି ଯାହାକି ତୁମକୁ ସନ୍ଦେହରେ ପକାଇପାରିବ । ବରିରାହ୍ ର.ଅ କହିଲେ ମୁଁ ଆଦୌ ତାଙ୍କ ଠାରେ ଏପରି କୌଣସି ମନ୍ଦଗୁଣ ବା ଦୁର୍ବଳତା ଦେଖି ନାହିଁ । ମୁଁ ସେହି ଅଣାକାର ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ଶପଥ କରି କହୁଛି ଯେ, ଯିଏ ଆପଣଙ୍କୁ ସତ୍ୟର ସହିତ ଧରାପୃଷ୍ଠକୁ ପ୍ରେରଣ କରିଛନ୍ତି ଯେ, ମୁଁ ହଜ଼ରତ୍ ଆଏଶା ର.ଅ ଠାରେ କୌଣସି ଦୁର୍ବଳତା, ମନ୍ଦଗୁଣ ଦେଖି ନାହିଁ।

ଏହା ଶୁଣି ରସୁଲୁଲ୍ଲାଃ ସ.ଅ ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ଏପରି ବ୍ୟକ୍ତିକୁ କିଏ ସମ୍ଭାଳିବ ଯିଏ କି ମୋ ସ୍ତ୍ରୀ ଉପରେ ଲାଞ୍ଛନ ଲଗାଇ ମୋତେ କଷ୍ଟ ଦେଇଛି । ମୁଁ ଈଶ୍ୱରଙ୍କର ଶପଥ ନେଇ କହୁଛି ଯେ, ମୁଁ ନିଜ ସ୍ତ୍ରୀ ଠାରେ ପୁଣ୍ୟ ଛଡ଼ା ଅନ୍ୟ କୌଣସି କଥା ମୋତେ ଜଣା ନାହିଁ । ଏହା ଶୁଣି ହଜ଼ରତ୍ ସାଆଦ୍ ବିନ୍ ମୁଆଜ଼୍ ଛିଡ଼ା ହେଲେ ଏବଂ ସେ କହିଲେ ଯେ, ହେ ରସୁଲୁଲ୍ଲାଃ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ସେହି ବ୍ୟକ୍ତି ଠାରୁ ଯିଏ କି ଆପଣଙ୍କ ସ୍ତ୍ରୀଙ୍କ ଉପରେ ଏଭଳି ଲାଞ୍ଛନ ଲଗାଇଛି ତାହାର ପ୍ରତିଶୋଧ ନେବି । ତେଣୁ ଯଦି ସେହି ବ୍ୟକ୍ତି ଓସ୍ ସଂପ୍ରଦାୟର ହୋଇଥାଏ  ତେବେ ମୁଁ ତାହାର ସ୍କନ୍ଧଚ୍ୟୁତ କରିବି ଏବଂ ଯଦି ସେ ଆମର ଭାଇଙ୍କ ମଧ୍ୟରୁ ଖଜ଼ରଜ୍ ସଂପ୍ରଦାୟର ହୋଇଥାଉ ନା କାହିଁକି ତେବେ ଆପଣ ସ.ଅ ଆମକୁ ଯାହା ଆଦେଶ ଦେବେ ତାହା ଆମେ ପାଳନ କରିବୁ । ଏହା ଶୁଣି ଖଜ଼ରଜ୍ ସଂପ୍ରଦାୟର ସାଆଦ୍ ବିନ୍ ଉବାଦାହ୍ ବୋଲି ଜଣେ ବ୍ୟକ୍ତି ଥିଲେ ସେ ଛିଡ଼ା ହୋଇ କହିଲେ । ତୁମେ ଭୁଲ୍ କହିଛ ! ଈଶ୍ୱରଙ୍କର ଶପଥ ! ତୁମେ ସେହି ବ୍ୟକ୍ତିକୁ ମାରିବ ନାହିଁ ଓ ନା ତୁମେ ଏପରି କରିପାରିବ । ଏହି ବର୍ଚସାକୁ କେନ୍ଦ୍ର କରି ଉଭୟ ସଂପ୍ରଦାୟର ଲୋକମାନେ ଉତକ୍ଷିପ୍ତ ବା ଉତ୍ୟକ୍ତ ହୋଇଗଲେ ଏବଂ ପରସ୍ପର ମଧ୍ୟରେ ଝଗଡ଼ା କରିବାକୁ ଆରମ୍ଭ କରିଦେଲେ । ସୁତରାଂ ରସୁଲୁଲ୍ଲାଃ ସ.ଅ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି କଥାଟାକୁ ସଜାଡ଼ିଲେ । ଏପର୍ଯ୍ୟନ୍ତ କି ହୁଜୁର୍ ସ.ଅ ନୀରବ ହୋଇଗଲେ । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ  ସାରା ଦିନ କାନ୍ଦୁଥିଲି ହେଲେ ନା ମୋର ଲୁହ ଥମୁ ଥିଲା ନା ମୋତେ ନିଦ ହେଉଥିଲା । ମୋର ପିତା ମାତା ମୋ ନିକଟକୁ ଚାଲି ଆସିଲେ । ଆମେମାନେ ସେହି ଅବସ୍ଥାରେ ଥିଲୁ କି ରସୁଲୁଲ୍ଲାଃ ସ.ଅ ଭିତରକୁ ପ୍ରବେଶ କଲେ ଏବଂ ବସି ପଡ଼ିଲେ । ଯେଉଁ ଦିନରୁ ମୋ ଉପରେ ଲାଞ୍ଛନ ଲଗାଯାଇଥିଲା ସେ ଦିନ ହୁଜୁର୍ ସ.ଅ ମୋ ପାଖରେ ବସି ନଥିଲେ । ସେ ଏକ ମାସ ପର୍ଯ୍ୟନ୍ତ ଅପେକ୍ଷାରତ ରହିଲେ ଯେ, କାଳେ ମୋ ସଂକ୍ରାନ୍ତରେ କିଛି ୱହି (ଐଶିବାଣୀ)  ଅବତୀର୍ଣ୍ଣ ହେବ । ହେଲେ ମୋ ସଂକ୍ରାନ୍ତରେ କୌଣସି ଐଶିବାଣୀ ଅବତୀର୍ଣ୍ଣ ହେଲା ନାହିଁ । ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ହୁଜୁର୍ ସ.ଅ ତଶହୁଦ୍ ପଢିଲେ ଏବଂ କହିଲେ ଯେ, ଆଏଶା ! ମୁଁ ତୁମ ସମ୍ବନ୍ଧରେ ଏହି କଥା ଶୁଣିଛି ଏବଂ ମୋ ନିକଟକୁ ଏହି ସମ୍ବାଦ ପହଞ୍ଚିଛି । ସୁତରାଂ ଯଦି ତୁମେ ନିର୍ଦ୍ଦୋଷ ଅଛ ତେବେ ଅଲ୍ଲାଃତାଲା ନିଶ୍ଚିତ ତୁମର ନିର୍ଦ୍ଦୋଷରେ ଖଲାସ କରିଦେବେ ଏବଂ ଯଦି ତୁମେ ଦୋଷୀ ଏବଂ ତୁମ ଦ୍ୱାରା କୌଣସି ଦୋଷଦୁର୍ବଳତା ହୋଇଯାଇଛି ତେବେ ତୁମେ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ଭିକ୍ଷା କର ଏବଂ ତାଙ୍କରି ସମ୍ମୁଖରେ ତୁମେ ତୌବା (କ୍ଷମା ପ୍ରାର୍ଥନା) କର । କାରଣ ଯେତେବେଳେ ଭକ୍ତ ଈଶ୍ୱରଙ୍କ ନିକଟରେ ନିଜ ଦୋଷଦୁର୍ବଳତାର ପରିପ୍ରକାଶ କରିଥାଏ ସେତେବେଳେ ଅଲ୍ଲାଃତାଲା ମଧ୍ୟ ସେହି ଭକ୍ତ ଉପରେ ଦୟା କରନ୍ତି । ସୁତରାଂ ଯେତେବେଳେ ହୁଜୁର୍ ସ.ଅ କଥା କହିସାରିଲେ ସେତେବେଳେ ମୁଁ ମୋ ପିତାଙ୍କୁ କହିଲି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ମୋ ତରଫରୁ ଏହି ଉତ୍ତରଟି ଦେଇ ଦିଅନ୍ତୁ (ଯେ, ମୁଁ ନିର୍ଦ୍ଦୋଷ ଅଟେ) । ସେ କହିଲେ ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଜାଣି ନାହିଁ ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ କ'ଣ କହିବି ? ପୁନଶ୍ଚ ମୁଁ ମୋ ମାତାଙ୍କୁ କହିଲି । ସେ ମଧ୍ୟ ଏହି ଉତ୍ତରଟି ଦେଇଛନ୍ତି । ମୁଁ ଆଁହଜ଼ରତ୍ ସ.ଅଙ୍କୁ କହିଲି ଯେ, ହେ ରସୁଲୁଲ୍ଲାଃ ସ.ଅ ଯଦି ମୁଁ ଆପଣଙ୍କୁ କହେ ଯେ, ମୁଁ ନିର୍ଦ୍ଦୋଷ ଏବଂ ଅଲ୍ଲାଃତାଲା ମଧ୍ୟ ପ୍ରକୃତପକ୍ଷରେ ଜାଣନ୍ତି ଯେ, ମୁଁ ସଂପୂର୍ଣ୍ଣ ରୂପେ ନିର୍ଦ୍ଦୋଷ । ତେବେ ଆପଣ ସ.ଅ ମୋତେ ସେହି ଘଟଣାରେ ସତ୍ୟ ବୋଲି ଜାଣିବେ ବା ବୁଝିବେ ନାହିଁ । ଯଦି ମୁଁ ଆପଣଙ୍କ ନିକଟରେ କୌଣସି କଥା ସ୍ୱୀକାର କରି ନିଏ, ଯଦିଚ ଅଲ୍ଲାଃତାଲା ଭଲଭାବରେ ଜାଣନ୍ତି ଯେ, ମୁଁ ତହିଁରୁ ମୁକ୍ତ ଏବଂ ନିର୍ଦ୍ଦୋଷ ଅଟେ ତେବେ ଆପଣ ସ.ଅ ମୋର ସେହି ସ୍ୱଷ୍ଟୋକ୍ତିମୂଳକ କଥାକୁ ସତ୍ୟ ବୋଲି ସ୍ୱୀକାର କରିନେବେ । ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ୟୁସୁଫ୍ ଅ.ସଙ୍କ ପିତାଙ୍କ ବ୍ୟତୀତ ନିଜର ଏବଂ ଆପଣ ସ.ଅଙ୍କର ଏପରି

କୌଣସି ଦୃଷ୍ଟାନ୍ତ ଦେଖିବାକୁ ପାଇ ନାହିଁ । ସେ ଅର୍ଥାତ୍ ୟିସୁଫ୍ ଅ.ସଙ୍କ ପିତା କହିଥିଲେ ଯେ, *ସବରୁନ୍ ଜମିଲୁନ୍ ୱଲ୍ଲାହୁ ମୁସତାଆନ୍* ଅର୍ଥାତ୍ ତୁମେ ଧୌର୍ଯ୍ୟ ଧର ଏବଂ ଧୌର୍ଯ୍ୟ ଧରିବା ଅତ୍ୟନ୍ତ ଭଲ ଅଟେ ଏବଂ ଅଲ୍ଲାଃତାଲାଙ୍କ ଠାରୁ ସାହାଯ୍ୟ ଭିକ୍ଷା କରିବା ଦରକାର । ଏହାପରେ ମୁଁ ଗୋଟିଏ ପାର୍ଶ୍ୱକୁ କଡ଼େଇ ହୋଇ ନିଜର ଶୟନ ଶଯ୍ୟାକୁ ଆସିଗଲି ଏବଂ ମୁଁ ଏହା ଆଶା କରୁଥିଲି ଯେ, ଅଲ୍ଲାଃତାଲା ମୋତେ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରିବେ । ହଜ଼ରତ୍ ଆଏଶା ର.ଅ କହନ୍ତି ଯେ, ଅଲ୍ଲାଃତାଲାଙ୍କ ଶପଥ ନେଇ କହୁଛି ! ଯେ, ହୁଜୁର୍ ସ.ଅ ବର୍ତ୍ତମାନ ବସିବା ସ୍ଥାନରୁ ପୃଥକ ହୋଇ ନଥିଲେକି ସେହି ମୁହୂର୍ତ୍ତରେ ଆପଣଙ୍କ ଉପରେ ଐଶିବାଣୀ ଅବତୀର୍ଣ୍ଣ ହେଲା । ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଏହି ଐଶିବାଣୀର ଅବସ୍ଥା ଦୂରୀଭୂତ ହେଲା ସେତେବେଳେ ହୁଜୁର୍ ସ.ଅ ପ୍ରସନ୍ନିତ ହେଲେ ଏବଂ ହୁଜୁର ସ.ଅ ସର୍ବପ୍ରଥମେ ଏହା କହିଲେ ଯେ, ***ଆଏଶା ତୁମେ ଅଲ୍ଲାଃତାଲାଙ୍କୁ ଧନ୍ୟବାଦ ଜ୍ଞାପନ କର ଏବଂ ତାଙ୍କର କୃତଜ୍ଞ ହୁଅ*** । କାରଣ ଅଲ୍ଲାଃତାଲା ତୁମ ନିର୍ଦ୍ଦୋଷତାର ପ୍ରମାଣ ଦେଇଛନ୍ତି ଏବଂ ତୁମକୁ ଉକ୍ତ ଲାଞ୍ଛନରୁ ଖଲାସ ପ୍ରଦାନ କରିଛନ୍ତି । ହଜ଼ରତ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଏହା ଶୁଣି ମୋର ମାତାଶ୍ରୀ ମୋତେ କହିଲେ, ଉଠ ! ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଯାଅ । ମୁଁ କହିଲି ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ, କଦାପି ନୁହେଁ ! ମୁଁ ତାଙ୍କ ପାଖକୁ ଉଠି ଯାଇପାରିବି ନାହିଁ । ଅଲ୍ଲାଃତାଲାଙ୍କ ବ୍ୟତୀତ ମୁଁ ଅନ୍ୟ କାହାରିକୁ କୃତଜ୍ଞ ଜ୍ଞାପନ କରିପାରିବି ନାହିଁ । କାରଣ ଅଲ୍ଲାଃତାଲା ହିଁ ଉକ୍ତ ଐଶିବାଣୀ ଅବତୀର୍ଣ୍ଣ କରିଥିଲି ଯେ, ସେହି ଲୋକମାନେ ଯେଉଁମାନେ ଲାଞ୍ଛନ, ବ୍ୟଙ୍ଗ ବିଦୃପ ଲଗାଇଛନ୍ତି ତୁମମାନଙ୍କ ମଧ୍ୟରୁ ହିଁ ଗୋଟିଏ ଗୋଷ୍ଠୀ ଅଟନ୍ତି ।

ହଜ଼ରତ୍ ମିର୍ଜ଼ା ବଶିର୍ ଅହମଦ୍ ସାହେବ୍ ସିରତ୍ ଖାତମୁନ୍ ନବିୟିନରେ ଏହି ଘଟଣାର ଚର୍ଚ୍ଚା କରିଛନ୍ତି । ତହିଁରେ ସେ ଯେଉଁ ଅତିରିକ୍ତ କଥା ଉଲ୍ଲେଖ କରିଛନ୍ତି ତାହା ଏହିପରି ଯେ, ବୁଖାରୀରେ ଏହା ଉଲ୍ଲେଖ ଥିଲା ଯେ, ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ସେହି ସାହାବିର ହାତ ଉପରେ ଗୋଡ଼ ରଖି ଓଟ ଉପରେ ଚଢିଲି । କିନ୍ତୁ ଏଠାରେ ଏହା ଉଲ୍ଲିଖିତ ରହିଛି ଯେ, ସେ ଓଟର ଗୋଡ଼ ଉପରେ ନିଜ଼ର ଗୋଡ଼ ରଖିଲେ । କାରଣ ଓଟଟି ହଠାତ୍ ଯେପରି ଛିଡ଼ା ହୋଇ ନଯାଉ । ସୁତରାଂ ହଜ଼ରତ୍ ଆଏଶା ର.ଅ ସେହି ଓଟ ଉପରକୁ ଚଢିଗଲେ ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଯିଏକି ଏହି ଘଟଣା ସଂପର୍କରେ ଅତିରିକ୍ତ କଥା ଉଲ୍ଲେଖ କରିଛନ୍ତି ତାହା ମୁଁ ଏଠାରେ ଉଲ୍ଲେଖ କରିଦେଉଛି ଯେ, ହଜ଼ରତ୍ ଆଏଶା ର.ଅଙ୍କ ବିରୁଦ୍ଧରେ ଏତେ ସ୍ୱର ଉତ୍ତୋଳନ ହେଲା ଯେ, କେତେକ ସାହାବାମାନେ ମଧ୍ୟ ଅଜାଣତରେ ସେହି ବିରୋଧକାରୀଙ୍କ ମଧ୍ୟରେ ଶାମିଲ୍ ହୋଇଗଲେ । ତନ୍ମଧ୍ୟରୁ ହସସାନ୍ ବିନ୍ ସାବିତ୍ ର.ଅ ମଧ୍ୟ ଅନ୍ୟତମ । ସେହିପରି ଅନ୍ୟ ଜଣେ ମହିଳା ସାହାବିୟାହ୍ ହେଉଛନ୍ତି ହଜ଼ରତ ହିମନା ବିନ୍ ହଜଶ୍ ର.ଅ । ଯିଏକି ରସୁଲୁଲ୍ଲାଃ ସ.ଅଙ୍କ ଶାଳୀ ଥିଲେ । ହଜ଼ରତ୍ ଆଏଶା ର.ଅଙ୍କ ସେହି ଘଟଣାରୁ ଗଭୀର ଆଘାତ ଲାଗିଥିଲା ଏବଂ ସେ ସେହି ଘଟଣା ଯୋଗୁଁ ରୋଗାଗ୍ରସ୍ତ ମଧ୍ୟ ହୋଇପଡ଼ିଥିଲେ ଏବଂ ପୁନଶ୍ଚ ଯେତେବେଳେ ମୁନାଫିକିନଙ୍କ (କପଟ ବିଶ୍ୱାସୀ) କଥାରୁ ପରିଚିତ ହେଲେ ସେତେବେଳେ ତାଙ୍କର ରୋଗ ଅସାଧାରଣ ରୂପେ ଅଭିବୃଦ୍ଧି ମଧ୍ୟ ଘଟିଥିଲା ।

ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ଗୋଟିଏ ଖୁତବାରେ ଏହା ମଧ୍ୟ ବର୍ଣ୍ଣନା କରିଛନ୍ତି ଯେ, ହଜ଼ରତ୍ ଆଏଶା ର.ଅଙ୍କ ଉପରେ ଲାଞ୍ଛନ ଲଗାଇଥିବା ତିନିଜଣ ଲୋକଙ୍କୁ ଚାବୁକ (ପ୍ରାହାର) ଦଣ୍ଡ ସହ୍ୟ କରିବାକୁ ପଡ଼ିଥିଲା । ତନ୍ମଧ୍ୟରୁ ହଜ଼ରତ୍ ହସସାନ୍ ବିନ ସାବିତ୍ ମଧ୍ୟ ଅନ୍ୟତମ ଅଟନ୍ତି । ଅନ୍ୟ ଜଣେ ହେଉଛନ୍ତି ହଜ଼ରତ୍ ମୁସତ୍ତେହ୍ ଯିଏ ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ (ଖାଲା ଜ଼ାଦ୍) ମାଉସୀ ପୁତ୍ର ଥିଲେ ଏବଂ ଆଉ ଜଣେ ମହିଳା ଥିଲେ । ଏହି ତିନି ଜଣଙ୍କୁ ଦଣ୍ଡିତ ହେବାକୁ ପଡ଼ିଥିଲା । ସୁନନ୍ ଅବି ଦାଉଦରେ ମଧ୍ୟ ଏହି ଶାସ୍ତିର ଉଲ୍ଲେଖ ରହିଛି । ସେ ଯାହାହେଉ ନା କାହିଁକି କେତେକ ବ୍ୟକ୍ତିଙ୍କ ନିକଟରେ ଉପରୋକ୍ତ ତିନିଜଣ ବ୍ୟକ୍ତିଙ୍କୁ ଦଣ୍ଡିତ ହେବାକୁ ପଡ଼ିଥିଲା ଏବଂ ଆଉ କେତକଙ୍କ ନିକଟରେ ସେମାନଙ୍କୁ ଦଣ୍ଡିତ ହେବାକୁ ପଡ଼ି ନଥିଲା । କିନ୍ତି ଅଲ୍ଲାଃତାଲା ସେହି ସାହାବମାନଙ୍କୁ କ୍ଷମା ପ୍ରଦାନ କରିଥିଲେ । କାରଣ ସେମାନେ ବଦରୀ ସାହାବି ଥିଲେ ଏବଂ ତାଙ୍କର ଅତି ଉଚ୍ଚ ପଦମର୍ଯ୍ୟାଦା ରହିଛି । ଅଲ୍ଲାଃତାଲା ତାଙ୍କର ଅନ୍ତିମ ପରିଣତି ଓ ଅନ୍ତିମ ଯାତ୍ରା ସୁଖମୟ କରିଥିଲେ ଏବଂ ସେମାନଙ୍କର ସେହି ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିଥିଲେ । ଅଲ୍ଲାଃତାଲା ତାଙ୍କର ସ୍ୱର୍ଗରେ ଦରଜାତ୍ (ସ୍ତର) ବୃଦ୍ଧି କରନ୍ତୁ । (ଆମିନ୍) **KHULASA KHUTBA JUMA HUZOOR ANWAR a.b.a**

**14th DEC 2018**

……………….